# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 13 March – 2025

# ବିଧାନସଭା-ଖର୍ଚ୍ଚଦାବି

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩୧ହଜାର ୧୮୫କୋଟି ୩୧ଲକ୍ଷ ୫୮ହଜାର ଟଙ୍କାର ଖର୍ଚ୍ଚଦାବି ଗତକାଲି ବିଧାନସଭାର ଅନୁମୋଦନ ଲାଭ କରିଛି । ଖର୍ଚ୍ଚଦାବି ଆଲୋଚନାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ପ୍ରସ୍ତାବିତ ଅର୍ଥ ମଧ୍ୟରୁ ୯ହଜାର ୬ଶହ ଅଣଚାଳିଶ କୋଟି ୯୫ଲକ୍ଷ ୫ହଜାର ଟଙ୍କା ରାଜ୍ୟସ୍ତରୀୟ ଯୋଜନା ବାବଦରେ ଏବଂ ୬ହଜାର ୧୦୦ କୋଟି ଟଙ୍କା କେନ୍ଦ୍ରୀୟ ଯୋଜନା ବାବଦରେ ରହିଛି । ଆସନ୍ତା ଆର୍ଥିକ ବର୍ଷରେ ୨୮ହଜାର ୪୭୦ ଶିକ୍ଷକ ପଦବୀ ପୂରଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି ।

# ବିଧାନସଭା-ବୁଣାକାର

ରାଜ୍ୟରେ ବର୍ତ୍ତମାନ ୧ଲକ୍ଷ ୨୬ହଜାର ୮୭୩ଜଣ ବୁଣାକାର ଅଛନ୍ତି । ବିଧାନସଭାରେ ଏକ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ସୂଚନା ଦେଇଛନ୍ତି । ତେବେ ବିଭିନ୍ନ ଅଦାଲତରେ ବିଚାରାଧୀନ ଥିବା ମାମଲା ଗୁଡ଼ିକ ଯୋଗୁଁ କଳାହାଣ୍ଡି, ବରଗଡ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ ବାଲେଶ୍ୱରର

ବନ୍ଦ ପଡିଥିବା ସମସ୍ତ ୭ଟି ସୂତାକଳ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସମ୍ଭବପର ହୋଇପାରୁନାହିଁ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ ଗୃହରେ ସ୍ପଷ୍ଟ କରିଛନ୍ତି ।

## ରାଜ୍ୟପାଳ ହରିବାବୁ କମ୍ଭମପାଟି

ସମାଜର ସବୁଠାରୁ ପଛୁଆବର୍ଗର ଲୋକଙ୍କର ଉତ୍ଥାନ ହୋଇପାରିଲେ ପ୍ରକୃତ ପ୍ରଗତି ଅର୍ଥପୂର୍ଣ୍ଣ ହୋଇଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ଅନୁଷ୍ଠିତ ଚତୁର୍ଥ କୁମାର କୃଷ୍ଣଚନ୍ଦ୍ର ରାୟ ସ୍ମାରକୀ ବକ୍ତୃତାରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ସମସ୍ତଙ୍କ ପାଇଁ ନ୍ୟାୟପୂର୍ଣ୍ଣ ଏବଂ ସମାବେଶୀ ସମାଜ ଗଠନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ସେବା ମନୋଭାବ ସହିତ ଏକ ବିକଶିତ ରାଜ୍ୟ ଗଠନ ପାଇଁ କାର୍ଯ୍ୟ କରିବାକୁ ଡକ୍ଟର କମ୍ଭମପାଟି ପରାମର୍ଶ ଦେଇଛନ୍ତି ।

## ଆୟୁଷ୍ମାନ ଭାରତ

ରାଜ୍ୟରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ସଂଯୁକ୍ତ ଯୋଜନା ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ କରାଯିବ । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଯୋଜନାର ପ୍ରଚାର ପ୍ରସାର ପାଇଁ ରାଜ୍ୟର ସମସ୍ତ ୧ହଜାର

୪୩୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁଭାରମ୍ଭ ଅବସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଯୋଜନାରେ ରାଜ୍ୟର ୧କୋଟି ୩ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ । ଆୟୁଷ୍ମାନ ବୟବନ୍ଦନା ଯୋଜନାରେ ୭୦ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରାଯିବ । ହିତାଧିକାରୀମାନେ ଦେଶର ୨୯ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ବୈଠକରୁ ଜଣାପଡିଛି ।

## ମନୋଜ ଆହୁଜା

ସରକାରଙ୍କ ବିଭିନ୍ନ କାର୍ଯ୍ୟ ନିୟମ, ସାଧାରଣ ସେବା ନିୟମ ଏବଂ ସର୍ତ୍ତାବଳୀ ଆଦି ସମ୍ପର୍କରେ ବିଭିନ୍ନ ବିଭାଗକୁ ପରାମର୍ଶ ଦେବା ସହିତ ପ୍ରଶାସନିକ ସଂସ୍କାର ଦିଗରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି । ବିଭାଗର ସାଂସ୍କୃତିକ ଓ କ୍ରୀଡ଼ାସଂସଦ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଦୁଇଦିନିଆ ବାର୍ଷିକ ସାଂସ୍କୃତିକ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଆହୁଜା ଏହା କହିଛନ୍ତି । ଏହି ସମାରୋହ ଆଜି ଉଦ୍‌ଯାପିତ ହେବ ।

# ବିଶ୍ୱ କିଡ୍‌ନୀ ଦିବସ

କିଡ୍‌ନୀ ରୋଗର କାରଣ ଏବଂ ଏହାକୁ ପ୍ରତିହତ କରିବା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାରରେ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଇଥାଏ । ଚଳିତବର୍ଷର ବାର୍ତ୍ତା ରହିଛି 'ଆପଣଙ୍କ କିଡ୍‌ନୀ ଠିକ୍ ଅଛିତ ? ପ୍ରାଥମିକ ସ୍ତରରୁ ଚିହ୍ନଟ କରନ୍ତୁ, କିଡ୍‌ନୀ ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଅନ୍ତୁ' । ରାଜ୍ୟର ବିଭିନ୍ନ ସ୍ଥାନରେ ଏଥିପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

# ନିୟମାବଳୀ ସଂଶୋଧନ ବିଜ୍ଞପ୍ତି

ଓଡ଼ିଶା ଟାଉନ୍ ପ୍ଲାନିଂ ଆଣ୍ଡ୍ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ନିୟମାବଳୀ ୨୦୨୧ ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମ ୨୦୨୦ ସଂଶୋଧନ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ବ୍ୟବସାୟକୁ ସହଜ କରିବା ଲକ୍ଷ୍ୟନେଇ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଛି । ଏହି ସଂସ୍କାର ନବସୃଜନକୁ ପ୍ରୋତ୍ସାହିତ କରିବା ସହ ନୂତନ ଜ୍ଞାନକୌଶଳ ଗ୍ରହଣ କରିବାରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ।

## ଛତର୍ ଯାତ୍ରା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ପ୍ରସିଦ୍ଧ ମା’ ବୁଢ଼ୀଠାକୁରାଣୀଙ୍କ ଛତର୍ ଯାତ୍ରା ପାଇଁ ଗତ ରାତିରେ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି । ଦେଶୀବେହେରା ସାହିରେ ପାରମ୍ପରିକ ସିଦ୍ଧାନ୍ତ ଅନୁଯାୟୀ ଯାତ୍ରାର ତାରିଖ ସ୍ଥିର ପରେ ଏକ ବିରାଟ ପଟୁଆର ମା’ଙ୍କ ନିଜ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ଅଣାଯାଇ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇଥିଲା । ସୂଚନାଯୋଗ୍ୟ ଆସନ୍ତା ମାସ ୩ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହେବ ।

## ଓଳକଣା ମେଳଣ

କଟକ ଜିଲ୍ଲା ପ୍ରସିଦ୍ଧ ଓଳକଣା ମେଳଣ ଆଜି ରାତିରୁ ଆରମ୍ଭ ହେଉଛି । ଓଳକଣା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳଣରେ ହରି ଏବଂ ହରଙ୍କ ମିଳନ ଦୃଶ୍ୟ ଦେଖିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ । ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳଣରେ ଶତାଧିକ ବିମାନରେ ଠାକୁର ମେଳନ ପଡ଼ିଆକୁ ଆସିବେ ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ବୌଦ୍ଧରେ ରାଜ୍ୟର ସର୍ବାଧିକ ଦିନ ତାପମାତ୍ରା ୪୦ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଅନ୍ୟ ୧୯ଟି ସହରର ତାପମାତ୍ରା ୩୭ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି । ଆସନ୍ତା ରବିବାର ଯାଏଁ ରାଜ୍ୟରେ ପ୍ରବଳ ଗରମ ଅନୁଭୂତ ହେବା ସହ କେତେକ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।